**ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର**

# ବିଧାୟକଙ୍କୁ ସମସ୍ୟା ଜଣାଇଲା ଆଉଟସୋର୍ସିଂ କର୍ମଚାରୀ ମହାସଂଘ

ବ୍ରହ୍ମପୁର,୮ ।୫(ସମିସ)



ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜି ଠାରେ ୧୦ ଦିନ ଆନ୍ଦୋଳନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଉଟସୋର୍ସିଂ ଫେଡେରେସନର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଇତିମଧ୍ୟରେ ଦିନ ଗଡୁଥିବା ବେଳେ ଆଉସସୋର୍ସିଂ କର୍ମଚାରୀଙ୍କ ସମସ୍ୟାର ସମାଧନା ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ହୋଇ ରହିଥିବା କର୍ମଚାରୀମାନେ କହିଛନ୍ତି। ଆଲୋଚନା ସମୟରେ ମହାସଂଘର ୩ଟି ମୁଖ୍ୟ ଦାବି ତଥା ଚାକିରି ସ୍ଥାୟୀକରଣ, ଛଟେଇ କର୍ମଚାରୀଙ୍କ ପୁନଃନିଯୁକ୍ତି ଏବଂ କର୍ମଚାରୀଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଉଟସୋର୍ସିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦାବିକୁ ଗ୍ରହଣ କରାଯାଇଥିବରା ବୈଠକରେ କୁହାଯାଇଥିଲା। ଏହାସହ ଅନ୍ୟ ରାଜ୍ୟର ମଡେଲକୁ ଅନୁଧ୍ୟାନ କରିବା ସହିତ କର୍ମଚାରୀଙ୍କୁ ନିୟମିତ କରିବାକୁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆଇନ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏହି ନିଷ୍ପତ୍ତି ରାଜ୍ୟର ପ୍ରାୟ ୭୦ହଜାର ଆଉଟସୋର୍ସିଂ କର୍ମଚାରୀଙ୍କ ମଧ୍ୟରେ ଏକ ନୂତନ ଆଶାର ସଞ୍ଚାର ସୃଷ୍ଟି କରିଥିଲା। କିନ୍ତୁ ଦିନ ପରେ ଦିନ ବିତୁଥିବା ବେଳେ ସରକାରଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଥିବା ମହାସଂଘ ଦାବି କରିଛି। ପ୍ରକ୍ରିୟାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀସ୍ତରୀୟ କମିଟିର ଆନୁଷ୍ଠାନିକ ଗଠନ ଓ ରିପୋର୍ଟ ପ୍ରଦାନ ତ୍ୱରାନ୍ୱିତ କରିବା ଦାବିରେ ମହାସଂଘ ପକ୍ଷରୁ ବିଭିନ୍ନ ବିଧାୟକଙ୍କୁ ଦାବି ଜଣାଯାଇଛି। ସେହିକ୍ରମରେ ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଜନପ୍ରତିନିଧିମାନେ ସେମାନଙ୍କ ସମସ୍ୟା ହୃଦୟଙ୍ଗମ କରି ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ମହାସଂଘ ପକ୍ଷରୁ ସୁନିଲ୍ ପାତ୍ର, ନିରଞ୍ଜନ ଦାସ, ସନ୍ତୋଷ କୁମାର ସେଠୀ, ସୁଜିତ୍ ପାତ୍ର, ବିଜୟ ମଲ୍ଲିକ, ଆନନ୍ଦ ମିଶ୍ର, ସନାତନ ନାୟକ, ଚିତରଞ୍ଜନ ସାହୁ, ତ୍ରିପତି ଡାକୁଆ, ମନୋଜ ନାୟକ, ବି. ବିଷ୍ଣୁ ଚରଣ, ରିଙ୍କୁ ପାତ୍ର, ମଙ୍ଗନ ଘଡ଼େଇ, ଶ୍ରୀକାନ୍ତ ସେଠୀ, କୃଷ୍ଣମୂର୍ତ୍ତି ପାତ୍ର, ଅବିନାଶ ସେଠୀ, ଶିବ ପାତ୍ର, ଗୌତମ ନାୟକ ଓ ସତ୍ୟ ରଞ୍ଜନ ଉପସ୍ଥିତ ଥିଲେ।

# ଦୋଷମୁକ୍ତ ହେଲେ ବିଜେଡି ନେତା ଯୋଗେନ୍ଦ୍ରଙ୍କ ସହ ୭ ଅଭିଯୁକ୍ତ

ବ୍ରହ୍ମପୁର,୮ ।୫(ସମିସ): ଏକ ହତ୍ୟା ଉଦ୍ୟମ ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେଲେ ବରିଷ୍ଠ ବିଜେଡି ନେତା ଯୋଗେନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ୭ଜଣ। ବ୍ରହ୍ମପୁର ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶୁକ୍ରବାର ମାମଲା ନମ୍ବର ଏସଟି ୮୫/୨୨ର ଚୂଡାନ୍ତ ରାୟ ପ୍ରକାଶ ପାଇଥିଲା। ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ବରିଷ୍ଠ ବିଜେଡି ନେତା ଯୋଗେନ୍ଦ୍ର ସ୍ୱାଇଁ,



**ପ୍ରମାଣ ଅଭାବ**

ରାଧାଦେଇପୁର ସମିତି ସଭ୍ୟ ନୀଳାଞ୍ଚଳ ପ୍ରଧାନ, ବାସୁଦେବ ପ୍ରଧାନଙ୍କ ସମେତ ମୋଟ ୭ଜଣଙ୍କୁ ଦୋଷମୁକ୍ତ କରିଛନ୍ତି କୋର୍ଟ। ପ୍ରକାଶ ଯୋଗ୍ୟ ଯେ' ୨୦୨୨ ଦୋଳପୂର୍ଣିମା ଅବସରରେ ଉସ୍ତା ଜଗନ୍ନାଥପୁର ଗ୍ରାମର ସଭାପତି ଯୋଗେନ୍ଦ୍ରଙ୍କ ସଭାପତିତ୍ୱରେ ପାରମ୍ପରିକ ସଭାକାର୍ଯ୍ୟ ଚାଲୁ ରହିଥିବା ବେଳେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। ଘଟଣାକୁ ନେଇ ଗ୍ରାମର ନିଲୁ ସ୍ୱାଇଁଙ୍କ ଏତଲା କ୍ରମେ ଯୋଗନ୍ଦ୍ର ଏବଂ ଅନ୍ୟ ୭ଜଣଙ୍କ ବିରୁଦ୍ଧରେ ପାଟପୁର ଥାନାରେ ନଂ.୮୫/୨୨ରେ ଦଫା ୩୦୭ ଧାରାରେ ମାମଲା ରୁଜୁ ହୋଇଥିଲା। ଦୀର୍ଘ ୪ବର୍ଷର ଶୁଣାଣି ପରେ ଆଜି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବିରେନ ପଟ୍ଟନାୟକ ଓ ସହଯୋଗୀ ଆଇନଜୀବୀ ଭାବେ ଅନୁଜ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ଦୁର୍ଘଟଣାରେ ମୃତ ଓ ଆହତଙ୍କ ପରିବାରକୁ ସହାୟତା




ବ୍ରହ୍ମପୁର,୮ ।୫(ସମିସ): ଗତ କିଛିଦିନ ପୂର୍ବେ ବ୍ରହ୍ମପୁରର ବିଭିନ୍ନ ୱାର୍ଡର ଯାତ୍ରୀ ହରିଶଙ୍କର ଦର୍ଶନ ପାଇଁ ଯାଉଥିବା ବେଳେ ନୟାଗଡ଼ ଜିଲ୍ଲାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ମୃତ ଓ ଆହତ ପରିବାର ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ଆର୍ଥିକ ସହାୟତ ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ୪ ଲକ୍ଷ ଟଙ୍କାର ଚେକ୍ ଓ ଦୁର୍ଘଟଣାରେ ଚିକିତ୍ସା ହେଉଥିବା ବ୍ୟକ୍ତିଙ୍କ ପ୍ରତ୍ୟେକ ପରିବାରଙ୍କୁ ୧.୨୫ ଲକ୍ଷ୍ୟ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଲ ଓ ସ୍ଥାନୀୟ ପ୍ରଶାସନ ଉପସ୍ଥିତ ଥିଲେ। ଏହି ଅବସରରେ ସହାୟତା ପାଇଥିବା ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବିଧାୟକ କୃତଜ୍ଞତା ଜଣାଇଥିଲେ।

# ୨୫ରୁ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ




ବ୍ରହ୍ମପୁର,୮ ।୫(ସମିସ): ବ୍ରହ୍ମାନଗର ସ୍ଥିତ ଜୋନାଲ ଅଫିସ ସମ୍ମୁଖରେ ଅଖିଳ ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ୧୬ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମେସେଞ୍ଜର ନିଯୁକ୍ତି, ସସ୍ତ୍ରଧାରୀ ସୁରକ୍ଷାକର୍ମୀ ନିଯୁକ୍ତି, ଏନପିଏସ ପେନ୍ସନ ଫଣ୍ଡ ମ୍ୟାନେଜର ପରିବର୍ତ୍ତନ ଅଧିକାର,୨୦୧୯ ପରେ ନିଯୁକ୍ତଙ୍କ ପାଇଁ ଟ୍ରାନ୍ସଫର ବ୍ୟବସ୍ଥା, ସ୍ଥାୟୀ କାମର ଆଉଟସୋର୍ସିଂ ବ୍ୟବସ୍ଥା ବନ୍ଦ, ମେଡିକାଲ୍ ସ୍କିମରେ ଉନ୍ନତି, ପେନ୍ସନରେ ସମସ୍ତ ଦେୟ, ପିଏଫ ଟ୍ରଷ୍ଟି ନିଯୁକ୍ତି ଓ ଏଚଆରଏମଏସ ସମସ୍ୟାର ସମାଧାନ ଭଳି ବିଭିନ୍ନ ଦାବି ନେଇ ବିକ୍ଷୋଭ କରାଯାଇଥିଲା। କର୍ମଚାରୀ ସମସ୍ୟା ନେଇ ମହାସଂଘ ପକ୍ଷରୁ ବିଭିନ୍ନ ମହଲରେ ବାରମ୍ବାର ଦାବି କରାଯାଇଥିବା ବେଳେ ସେମାନଙ୍କ ସମସ୍ୟା ସମାଧାନ କରାଯାଉନଥିବା ଦାବି ହୋଇଛି। ଏ ନେଇ ମହାସଂଘ ପକ୍ଷରୁ ଚଳିତ ମାସ ୨୫ ଓ ୨୬ତାରିଖରେ ଅବିରତ ଧର୍ମଘଟ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତି ହୋଇଛି। ବିକ୍ଷୋଭରେ ସାଧାରଣ ସମ୍ପାଦପ ଡ଼. ଚିତରଞ୍ଜନ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ପାଇପ୍ ଜଳ ଯୋଗାଣ କର୍ମଚାରୀ

**ସ୍ଥାୟୀ ନିଯୁକ୍ତି ଦାବି**

ବ୍ରହ୍ମପୁର,୮ ।୫(ସମିସ)



ସ୍ଥାୟୀ ନିଯୁକ୍ତି ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି ଓଡିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ। ସହରାଞ୍ଚଳରେ ୧୪୮୩ ଏବଂ ଗ୍ରାମାଞ୍ଚଳରେ ୫୯୫ ଜଣ ଅସ୍ଥାୟୀ କର୍ମଚାରୀ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ସାଢେ ୪କୋଟି ଲୋକଙ୍କୁ ପାନୀୟ ଜଳଯୋଗାଣ କ୍ଷେତ୍ରରେ କାର୍ଯ୍ୟରତ।

- **୨୦ରେ କାର୍ଯ୍ୟବନ୍ଦ; ପ୍ରଭାବିତ ହେବ ଜଳଯୋଗାଣ**
- **ରାଜଧାନୀରେ ହେବ ଆନ୍ଦୋଳନ**

ଦୀର୍ଘବର୍ଷ ଧରି ସେମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ବେଳେ ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ ସ୍ଥାୟୀ କରିବା କ୍ଷେତ୍ରରେ ସରକାରୀ ଭାବେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ଓଡିଶା ପାଇପଜଳ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୦ତାରିଖରେ ରାଜ୍ୟ ବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଆସନ୍ତା ୨୦ରେ ରାଜ୍ୟରେ ପାନୀୟ ଜଳ ଯୋଗାଣ ପ୍ରଭାବିତ ହେବା ଆଶଙ୍କା ରହିଛି। ଏନେଇ ସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ୱାଟକୋ ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ନିକଟସ୍ଥ ସଂଘ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ସଭାପତି କ୍ଷୀରୋଦ ବେଉରା, ସାଧାରଣ ସମ୍ପାଦକ ଡମ୍ବୁରୁଧର ସାହୁ, ସୀମାଞ୍ଚଳ ପଣ୍ଡା, ସନ୍ତୋଷ ଗୌଡ, ଅରକ୍ଷିତ ପ୍ରଧାନ, ଉପାଧ୍ୟକ୍ଷ ଡଃ ମନୋଜ କୁମାର ମହାନ୍ତି, ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀ, ବ୍ରହ୍ମପୁର ଉପଖଣ୍ଡ ସମ୍ପାଦକ ବି. ହରିକୃଷ୍ଣ ପାତ୍ର, ଶାଖା ସମ୍ପାଦକ ଚନ୍ଦ୍ରମାଧବ ମାଝୀ, କୋଷାଧ୍ୟକ୍ଷ ଜଗନ୍ନାଥ ପାତ୍ର, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ବାଳକୃଷ୍ଣ ଚୌଧୁରୀ ଓ ପିଣ୍ଟୁ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ। ଆସନ୍ତା ୨୦ତାରିଖରେ ରାଜଧାନୀ ଭୁବନେଶ୍ୱର ଠାରେ ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସରକାର ସଂଘର ଦାବି ଉପରେ କୌଣସି ଠୋସ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନକୁ ଦୁର୍ବାର କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

● ବିଇଏମ୍‌ସିର ୱାର୍ଡୱାରୀ ସମୀକ୍ଷା ବୈଠକର ୨ୟ ଦିବସ

# ଇଞ୍ଜିନିୟରିଂ ବିଭାଗ ଓ କର୍ପୋରେଟରଙ୍କ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ

ବ୍ରହ୍ମପୁର,୮ ।୫(ସମିସ): ବର୍ଷା ଦିନକୁ ଦୃଷ୍ଟିରେ ରଖି ବିଇଏମସି ନେଉଛି ଆଗୁଆ ପଦକ୍ଷେପ। ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ୱାର୍ଡୱାରୀ ସମୀକ୍ଷା କରାଯାଉଥିବା ବେଳେ ନିଜେ କମିସନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ ବିଭିନ୍ନ ୱାର୍ଡ ବୁଲି ସ୍ଥିତି ପରଖୁଛନ୍ତି। ପ୍ରଥମ ଦିନରେ ୭ଟି ୱାର୍ଡର ସମୀକ୍ଷା କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ଶୁକ୍ରବାର ୭, ୮, ୧୩, ୨୯, ୩୭, ୪୧ ୱାର୍ଡର ସମସ୍ୟା ଓ ତାହାର ପ୍ରତିକାର ସମେତ ରାଜୀବ ଆବାସ ଯୋଜନା ସମ୍ପର୍କିତ ଆଲୋଚନା କରାଯାଇଥିଲା। ଆଲୋଚନାରେ ମୁଖ୍ୟତଃ କର୍ପୋରେଟର ଓ ଇଂଜିନିୟରିଂ ବିଭାଗ ମଧ୍ୟରେ ଥିବା ସମନ୍ୱୟର ଅଭାବକୁ ଦୂର କରିବା ଏବଂ ଡ୍ରେନ ଏବଂ ରାସ୍ତା ଉପରେ ଥିବା ଟ୍ରାନ୍ସଫର୍ମର ଯୋଗୁଁ ସୃଷ୍ଟି ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଟାଟା ପାୱାର ଅଧିକାରୀଙ୍କ ସହିତ ଆଲୋଚନା କରି ବିପଦସଙ୍କୁଳ ତଥା ରାସ୍ତା ଓ ଡ୍ରେନ ଉପରେ ଥିବା ଟ୍ରାନ୍ସଫର୍ମର ଗୁଡିକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଶନିବାର ଓ ରବିବାର ଛୁଟିଦିନ ଥିବା ବେଳେ ଆସନ୍ତା ସୋମବାର ତୃତୀୟ ସମୀକ୍ଷା ବୈଠକରେ ୯,୧୦,୧୭,୧୮,୧୯,୨୫ ଓ ୩୩ ୱାର୍ଡର



କର୍ପୋରେଟର ଓ ସମ୍ପୃକ୍ତ ଅଞ୍ଚଳର ଯନ୍ତ୍ରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ତାହାର ସମାଧାନ ନେଇ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥି ସହିତ ମେୟର ସଂଘମିତ୍ରା ଦଳେଇ, କମିସନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀଙ୍କ ସମେତ କର୍ପୋରେଟର ଓ ଅନ୍ୟ ଅଧିକାରୀମାନଙ୍କ ଗହଣରେ ବ୍ରହ୍ମପୁର ଉପକଣ୍ଠ ହୁଗୁଲାପଟ୍ଟା ସ୍ଥିତ ଗୋଶାଳାର ସ୍ଥିତି ଅନୁଧ୍ୟାନ ସହିତ ଗୋଷାଣୀନୂଆଗାଁ ସ୍ଥିତ ନିର୍ମାଣାଧିନ ଗୋଶାଳା ପରିଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର ଏହି ଗୋଶାଳାକୁ କାର୍ଯ୍ୟକ୍ଷମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଜିର ସମୀକ୍ଷା ବୈଠକରେ ମେୟର, କମିସନରଙ୍କ ସମେତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଟି. କିଶୋର ପାତ୍ର, ଜାମୁଲ୍ଲା ଶ୍ରୀନିବାସ, ବେବି ନାୟକ, ବନିତା ସାହୁ, ପଦ୍ମିନୀ ମିଶ୍ର, ନୀଳକଣ୍ଠ ସାହୁ ଓ ଚିତ୍ରସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ; ଯୁବକ ଗିରଫ

ବ୍ରହ୍ମପୁର,୮ ।୫(ସମିସ): ଜଣେ ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋଳନ୍ଥରା ଅଞ୍ଚଳର ଆତିଶ ବେହେରା(୩୦) ଓ ସେ ବିବାହିତ। ସୂଚନାପ୍ରକାରେ, ଖୋର୍ଦ୍ଧା ଅଞ୍ଚଳର ଏହି ନାବାଳିକା(୧୭) ଜଣଙ୍କ ବ୍ରହ୍ମପୁରରେ ରହି ପଢୁଥିଲେ। ହେଲେ କିଛିଦିନ ତଳେ ଘରକୁ ନଯାଇ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଆତିଶ ଓ ନାବାଳିକା ରହୁଥିବା ଠିକଣା ଜଣାପଡ଼ିବା ପରେ ପୁଲିସ ସେମାନଙ୍କୁ କାବୁ କରିଥିଲା। ନାବାଳିକାଙ୍କ ବୟାନକୁ ଭିତ୍ତି କରି ପୁଲିସ ଉଭୟଙ୍କ ଡାକ୍ତରୀମାଇନା ପରେ ଆତିଶକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ପ୍ରେମିକ ଗିରଫ



ବ୍ରହ୍ମପୁର,୮ ।୫(ସମିସ): ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଆଉ ଏବେ ପ୍ରତାରଣା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ବଡ଼ ବଜାର ଥାନା ଅଞ୍ଚଳର ଆକାଶ ନାୟକ (୨୯)। ବଡ଼ବଜାର ଥାନା ଅଞ୍ଚଳର ଜୈନିକା ଯୁବତୀଙ୍କ ସହ ଅଭିଯୁକ୍ତ ଆକାଶଙ୍କର ୨୦୧୯ରେ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଆକାଶ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତ ଦେଇ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଯୁବତୀ ଜଣକ ବିବାହ କଥା କହିବାରୁ ଆକାଶ ଦିନ ଗଡ଼ାଇ ଚାଲିଥିଲେ। ବାରମ୍ବାର ବିବାହ କଥା କହିବାରୁ ପରେ ଝଗଡ଼ା ହୋଇ କିଛିଦିନ କଥାବାର୍ତ୍ତା ବନ୍ଦ ରହିଥିଲା। ଆକାଶ ବର୍ତ୍ତମାନ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିବାକୁ ଯୁବତୀ ଜଣକ ବଡ଼ ବଜାର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ନେଇ ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଆକାଶକୁ କାବୁ କରିବା ପରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏପରିକି ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ସେ କହିଛନ୍ତି।

# ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ

ବ୍ରହ୍ମପୁର,୮ ।୫(ସମିସ): ସହର ଉପକଣ୍ଠ ମୋହଡ଼ା ସ୍ଥିତ ସରକାରୀ ଭୈରବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଧନୁ ସେଠୀଙ୍କ ପୌରୋହିତ୍ୟରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି। ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଆଶିଷ କୁମାର ପାଢ଼ୀ ଜନ୍ ହେନେରୀ




ଡୁନାଣ୍ଟଙ୍କ ଜୀବନୀ ସହିତ ବିଦ୍ୟାଳୟ ପରିସରରେ ରେଡ୍‌କ୍ରସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କୁ ପରୀକ୍ଷାରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁଦର୍ଶନ ମଣ୍ଡଳ, କ୍ରୀଡା ଶିକ୍ଷକ ନିଶିଥ୍ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ମନସ୍ୱିନୀ ଦାସ, ବିଷ୍ଣୁପ୍ରିୟା ସାହୁ, ସୁନନ୍ଦା ମଧୁସ୍ମିତା କହଁର, ମିନତୀ ନାୟକ ଓ ବିଜୟଲକ୍ଷ୍ମୀ ପ୍ରଧାନ ଉପସ୍ଥିତ ଥିଲେ।

**ଟିପିଏସ୍‌ଓଡିଏଲ୍‌ର ସଚେତନତାରୁ ସୌରଶକ୍ତିର ସଫଳ ଯାତ୍ରା**

# ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ୮,୯୫୫ ସୌର ପ୍ୟାନେଲ୍ ସ୍ଥାପନ

ବ୍ରହ୍ମପୁର,୮ ।୫(ସମିସ)





ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ସମଗ୍ର ଦକ୍ଷିଣ ଓଡ଼ିଶାରେ ସବୁଜ ଓ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରୁଛି। ଏହିକ୍ରମରେ କମ୍ପାନୀ ତରଫରୁ ବ୍ୟାପକ ଭାବରେ ସୌର ପ୍ୟାନେଲ ସ୍ଥାପନ କରାଯାଉଛି। ବହୁ ସଂଖ୍ୟାରେ ଉପଭୋକ୍ତା ଏବେ ଏହି ଯୋଜନାରେ ସାମିଲ ହୋଇ ସୌର ଶକ୍ତିକୁ ଆପଣାଇଥିବା କାରଣରୁ ମାସିକ ବିଦ୍ୟୁତ ବିଲ୍ ଶୂନ ତଥା ଜିରୋ ବିଲ୍ ପାଉଛନ୍ତି। ଯାହା ଏକ ସ୍ଥାୟୀ ଶକ୍ତିକୁ ଆପଣାଇବା ଦିଗରେ ଏକ ବିଶେଷ ସଫଳତା। ଟିପିଏସ୍‌ଓଡିଏଲ୍ ୟୁଟିଲିଟି ଲେଡ୍ ଆଗ୍ରିଗେସନ୍ ତଥା ୟୁଏଲ୍‌ଏ ମଡେଲ ଅଧୀନରେ ମୋଟ ୨ହଜାର ୭୪୧ ସୌର ପ୍ୟାନେଲ ସମଗ୍ର ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ସ୍ଥାପନ କରିଛି। ଯେଉଁଥିରେ ଗଞ୍ଜାମର ୧୫୬୫, ଗଜପତିରେ ୧୫୨, କନ୍ଧମାଳରେ ୧୬୧, ରାୟଗଡ଼ାରେ ୯୬, କୋରାପୁଟରେ ୬୧, ନବରଙ୍ଗପୁରରେ ୨୬୦, ମାଲକାନଗିରିରେ ୨୩୯ ଏବଂ ବୌଦ୍ଧରେ ୨୦୭ଜଣ ଉପଭୋକ୍ତା ୟୁଏଲ୍‌ଏ ମଡେଲଅଧୀନରେସୌରପ୍ୟାନେଲସ୍ଥାପନ କରିଛନ୍ତି। ଅନୁରୂପ ଭାବରେ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଅଧୀନରେ ମୋଟ ୬ହଜାର ୨୧୪ ସୌର ପ୍ୟାନେଲ ସମଗ୍ର ଦକ୍ଷିଣ ଓଡିଶାରେ ସ୍ଥାପନ ହୋଇ ସାରିଛି। ଯେଉଁଥିରେ ଗଞ୍ଜାମ ଜିଲ୍ଲାରେ ୩,୮୨୨, ଗଜପତିରେ ୨୩୦, କନ୍ଧମାଳରେ ୧୧୫, ରାୟଗଡ଼ାରେ ୬୯୫, ମାଲକାନଗିରିରେ ୧୪୨, ନବରଙ୍ଗପୁରରେ ୨୧୧, ବୌଦ୍ଧରେ ୪୦୮ ଏବଂ କୋରାପୁଟରେ ୫୯୧ଜଣ ଉପଭୋକ୍ତା ସାମିଲ ହୋଇ ଉପକୃତ ହୋଇଛନ୍ତି। ମୋଟ ୮ହଜାର ୯୫୫ ସୋଲାର ଉପଭୋକ୍ତାଙ୍କ ମଧ୍ୟରେ ୪ହଜାର ୮୫୦ ଜଣ ଉପଭୋକ୍ତା ଏପ୍ରିଲ ମାସରେ ବିଦ୍ୟୁତ ବିଲ୍‌ରେ ଶୂନ ତଥା ଜିରୋ ବିଲ୍ ପାଇଛନ୍ତି। ଯାହା ଟିପିଏସ୍‌ଓଡିଏଲର ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଏହା କିପରି ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ତଥା ସେମାନଙ୍କ ପରିବାରକୁ ବିଦ୍ୟୁତ ବିଲ୍ ହ୍ରାସ କରିବାରେ ସହାୟକ ହୋଇ ପାରିଛି ତା'ର ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରେ।

- **୪,୮୫୦ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ଶୂନ**
- **ପିଏମ୍ ସୂର୍ଯ୍ୟଘର ମୁଫତ୍ ବିଜୁଳି ଯୋଜନା ଅଧୀନରେ ୬,୨୧୪ ସୌର ପ୍ୟାନେଲ ସ୍ଥାପନ**

ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ଟିପିଏସ୍‌ଓଡିଏଲରେ ଆମେ ଉପଭୋକ୍ତାଙ୍କୁ ଏକ ସ୍ଥାୟୀ, ସୁଲଭ ଏବଂ ଭରସାଯୋଗ୍ୟ ଶକ୍ତି ମାଧ୍ୟମରେ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ଅଟୁ। ଜିରୋ-ବିଲ୍ ଗ୍ରାହକଙ୍କ ବଢୁଥିବା ସଂଖ୍ୟା ଆମର ସୌର ଅଭିଯାନର ସଫଳତା ଏବଂ ଗ୍ରାହକଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି। ନିରନ୍ତର ସଚେତନତା ଏବଂ ପ୍ରୋତ୍ସାହନ ମାଧ୍ୟମରେ ଆମେ ଦକ୍ଷିଣ ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ଗ୍ରହଣ ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହିତ ଏକ ମଡେଲ୍ ଭାବରେ ବିକଶିତ କରିବାର ଲକ୍ଷ୍ୟ ରଖିଛୁ। ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶା ପାଇଁ "ମିଶନ ସୋଲାର୍" ଲକ୍ଷ୍ୟକୁ ସାଧିତ କରିବା ଦିଗରେ ପ୍ରୟାସରତ ରହିଛି। ଯାହା ରୁଫ୍ ଟପ୍ ସୋଲାର୍ ଅଭିଯାନକୁ ବ୍ୟାପକ କରିବା, ଗ୍ରାହକ ସଚେତନତା ବୃଦ୍ଧି କରିବା ଏବଂ ଭାରତର ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ଆପଣାଇବା କ୍ଷେତ୍ରରେ ଯୋଗଦାନ କରେ।



# ୨୪୨ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାଟ୍ରିକ୍ ପାସ୍

ଛତ୍ରପୁର,୮ ।୫(ସମିସ): ଗଞ୍ଜାମ ଜିଲ୍ଲାର ୨୬୪ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେଥିରୁ ୨୪୨ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଥିବା ବେଳେ ଏ-୨ ଗ୍ରେଡ୍‌ରେ ୪ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ସେହିପରି ବି-୧ ଗ୍ରେଡ୍‌ରେ ୮ ଜଣ, ବି-୨ ଗ୍ରେଡ୍‌ରେ ୩୦ ଜଣ, ସି' ଗ୍ରେଡ୍‌ରେ ୭୪ ଜଣ, ଡି' ଗ୍ରେଡ୍‌ରେ ୮୦ ଜଣ ଏବଂ ଇ' ଗ୍ରେଡ୍‌ରେ ୪୬ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇପାରିବ ସେଥିପ୍ରତି ସଦାସର୍ବଦା ଉଦ୍ୟମ ରହିଛି। ବିଶେଷକରି ସମଗ୍ର ଶିକ୍ଷାର ଦିବ୍ୟାଙ୍ଗ ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ୭୫ ପ୍ରତିଶତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଏସ୍କୋର୍ଟ ଆଲାଉନ୍ସ ପାଇଁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଜିଲ୍ଲାର ୧୩୮୭ ଜଣ ୭୫ ପ୍ରତିଶତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଏହି ସୁବିଧା ପାଉଛନ୍ତି। ସେହିପରି ୪୦ ପ୍ରତିଶତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯାତାୟତ ସହାୟତା ପାଇଁ ୨ ହଜାର ଲେଖାଏଁ ୨୧୦୪ ଜଣ ଛାତ୍ରଛାତ୍ରୀ ସୁବିଧା ପାଉଛନ୍ତି। ୪୦ ପ୍ରତିଶତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପାଠପଢ଼ା ବାବଦରେ ୭୯ ଜଣ ଛାତ୍ରଛାତ୍ରୀଙ୍କୁ ୫ ହଜାର ଲେଖାଏଁ ସହାୟତା ପ୍ରଦାନ କରାଯାଉଛି। ୪୦ ପ୍ରତିଶତ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ବାବଦରେ ୧୫୪୪ ଜଣ ଛାତ୍ରୀ ୨ ହଜାର ଲେଖାଏଁ ସହାୟତା ପାଉଛନ୍ତି। ୨୮୪୪ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ସାଧନ କେନ୍ଦ୍ର ତଥା ବ୍ଲକ ସାଧନ କେନ୍ଦ୍ର ଗୁଡିକରେ ଫିଜିଓଥେରାପି ଓ ସ୍ପିଚ୍ ଥେରାପି ପ୍ରଦାନ କରାଯାଉଛି। ୧୨୮ ଜଣ ସଂପୂର୍ଣ୍ଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବ୍ରେଲି ବୁକ୍ ପ୍ରଦାନ କରାଯାଇଛି। ୩୦୬ ଜଣ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବଡ ଅକ୍ଷରରେ ଲେଖା ପୁସ୍ତକ ପ୍ରଦାନ କରାଯାଇଥିବା ବେଳେ ୧୬୭୧ ଜଣ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି।

## ବିବାଦୀୟ ମୋଡ଼ ନେଉଛି ଟେଣ୍ଡର ରାଜନୀତି

# ଏନ୍‌ଏସି ଅଧ୍ୟକ୍ଷ ଓ କାଉନସିଲରଙ୍କ ଆନ୍ଦୋଳନ

କବିସୂର୍ଯ୍ୟନଗର,୮ ।୫(ସମିସ)



ଟେଣ୍ଡର ସରିଲା ହେଲେ ମିଳିଲାନି କାର୍ଯ୍ୟାଦେଶ। ଜିଲ୍ଲାପାଳଙ୍କୁ ଭେଟି ଗୁହାରି କଲେ ବି ଚୁପ୍ ରହିଲେ ଜିଲ୍ଲାପାଳ। ସମାଧାନ ଲାଗି ମାଗିଥିବା ୭ଦିନ ବି ସରିଗଲା ବାହାରିଲାନି ସମାଧାନର ସୂତ୍ର। ଶେଷରେ କାଉନ୍‌ସିଲର ମିଳିତ ହୋଇ କାର୍ଯ୍ୟାଳୟରେ ତାଲା ଠୁଙ୍କି ଧାରଣାରେ ଅନିର୍ଦ୍ଦିଷ୍ଟ କାଳ ଲାଗି ବସିଲେ। ଏପରି ଦେଖିବାକୁ ମିଳିଛି କବିସୂର୍ଯ୍ୟନଗରରେ। କବିସୂର୍ଯ୍ୟନଗର ପୌର ପାଳିକା ଘୋଷଣା ହେଲା ସତ କିନ୍ତୁ ଜନସାଧାରଣଙ୍କୁ ମିଳିଲାନି ମୌଳିକ ସୁବିଧା। ବିକାଶ ପରିବର୍ତ୍ତେ ବିନାଶ ପାଇଁ ଗୋଟି ଚାଳନା କରି ଅଧିକାରୀଙ୍କୁ ଅନଧିକାର ଚାପ ପକାଇ ସବୁ କାମ ବନ୍ଦ ରଖିବା ଘଟଣା ସହରରେ ଚର୍ଚ୍ଚା ଚାଲିଛି। ଦୁଇ ବର୍ଷଧରି ସହର ବିକାଶ ହୋଇ ନ ଥିବା ବେଳେ ପିସିକୁ କେନ୍ଦ୍ର କରି କାର୍ଯ୍ୟାଦେଶ ନ ଦେବା ହାସ୍ୟାସ୍ପଦ ଘଟଣା। ପୌର ପରିଷଦର ବିକାଶ ମୂଳକ କାର୍ଯ୍ୟର ଉନ୍ନତି ପାଇଁ କାଉନସିଲର ରେଜୁଲେସନ କରି ୪୮ଟି ଟେଣ୍ଡର ୧୯-୦୩-୨୦୨୬ ବାହାରିଥିଲା। କିନ୍ତୁ କାର୍ଯ୍ୟାଦେଶ ନ ମିଳିବାରୁ ଗତ ୩୦ ଏପ୍ରିଲରେ କାଉନସିଲର, ଅଧ୍ୟକ୍ଷ ମିଶି ଜିଲ୍ଲାପାଳ, ପିଡି, ଏସପିଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଥିଲେ। ଜିଲ୍ଲାପାଳ ସମାଧାନ ଲାଗି ସାତ ଦିନ ସମୟ ମାଗିଥିଲେ। ସେହି ସମୟ ଶେଷ ହେବାରୁ ଶୁକ୍ରବାର ସମସ୍ତ କାଉନସିଲର ସମେତ ଭାରପ୍ରାପ୍ତ ଅଧ୍ୟକ୍ଷ ପୌର ପରିଷଦରେ ପହଞ୍ଚିଥିଲେ। ସମସ୍ତ କର୍ମଚାରୀଙ୍କୁ ବାହାର କରି ପୌର ପରିଷଦରେ ଚାବି ପକାଇଥିଲେ। ଏହି ତାଲା ବନ୍ଦ କେତେ ଦିନ ଚାଲିବ ନା ଜିଲ୍ଲାପାଳ ହସ୍ତକ୍ଷେପ କରି ସମାଧାନ କରିବେ ତାହା ଦେଖିବାକୁ ବାକି ରହିଲା।

# ଗାଡ଼ି ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ଖଲ୍ଲିକୋଟ,୮ ।୫(ସମିସ): ଖଲ୍ଲିକୋଟ କରଣ ସାହିରେ ପୁଣି ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କା ଦେବାରୁ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ତାର ସହ ରାସ୍ତାରେ ପଡିଲା। ବିଦ୍ୟୁତ ଖୁଣ୍ଟ ଓ ତାର ରାସ୍ତା ଉପରେ ପଡିଥିବାରୁ କିଛି ସମୟ ପାଇଁ ଆସିକା - ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ଆସି ଖୁଣ୍ଟ ଓ ତାରକୁ ରାସ୍ତାରୁ ହଟାଇବା ପରେ ଯାନ ବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏଥିପାଇଁ ଖଲ୍ଲିକୋଟରେ ପ୍ରାୟ ୩ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକ ଠାରୁ ଫରେଷ୍ଟ ଅଫିସ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ଏହି ରାସ୍ତାରେ ପ୍ରତିଦିନ ପ୍ରବଳ ଟ୍ରାଫିକ ଜାମ ହେଉଥିବା ବେଳେ ବାରମ୍ବାର ଦୁର୍ଘଟଣା ଘଟୁଛି। ରାସ୍ତାକୁ ଲାଗି ବିଦ୍ୟୁତ ଖୁଣ୍ଟ ଗୁଡିକ ରହିଥିବାରୁ ବାରମ୍ବାର ଗାଡି ଧକ୍କାରେ ଭାଙ୍ଗୁଛି ଏବଂ ସହରରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହୁଛି। ଏଥିପାଇଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ତେଣୁ ଦୁର୍ଘଟଣାରୁ ବର୍ତ୍ତିବାକୁ ହେଲେ କରଣ ସାହିର ଅଣ ଓସାରିଆ ରାସ୍ତାକୁ ସମ୍ପ୍ରସାରଣ କରିବା ସହ ଖଲ୍ଲିକୋଟରେ ପ୍ରସ୍ତାବିତ ବାଇପାସ ରୋଡ଼ ତୁରନ୍ତ ନିର୍ମାଣ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଅନ୍ତର୍ଜାତୀୟ ରେଡ୍‌କ୍ରସ ଦିବସ ପାଳିତ

ଭଞ୍ଜନଗର,୮ ।୫(ସମିସ): ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଗିରିଧର ନାୟକଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ରେଡକ୍ରସ ଦିବସ ପାଳନ ହୋଇଯାଇଛି। ଯୁବ ରେଡକ୍ରସ ପରାମର୍ଶଦାତା ଡ ସଂଜୀବ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରସାଶନିକ ଅଧିକାରୀ ରବିନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥି ମାନେ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା କେ ଶ୍ୱାତି ରାଓ ଏବଂ ଧରିତ୍ରୀ ବିଷୋୟୀଙ୍କ ସମେତ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ।

**ବେଲଗୁଣ୍ଠା:** କ୍ଷତ୍ରୀୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗିରିଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ପରାମର୍ଶଦାତା ଡ. ସଂଜୀବ କୁମାର ଦାସ ସଂଯୋଜନା କରିଥିଲେ। ଏହି ସଭାରେ ପ୍ରଶାସନିକ ଅଧିକାରୀ ଡ. ଇ. ରବିନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡକ୍ରସର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା କେ. ଶ୍ୱାତୀ ରାଓ, ଧରିତ୍ରୀ ବିଷୋୟୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୫ମ ଦିନରେ ମା'ରାମାୟାଣାମ୍ମାଙ୍କ ଯାତ୍ରା

# ସାହି ପରିକ୍ରମା ସହ ଭୋଗ ଗ୍ରହଣ କଲେ ମା'



ଛତ୍ରପୁର,୮ ।୫(ସମିସ): ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା'ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଧୁମଧାମରେ ଚାଲିଛି। ଏହି ଯାତ୍ରା ଜୁନ ୫ ପର୍ଯ୍ୟନ୍ତ ମଧ ଚାଲିବ। ମା'ଙ୍କ ଘଟ ଅସ୍ଥାୟୀ ଯାତ୍ରା ମଣ୍ଡପ ଠୁ ବାହାରି ବେରେକସାହି, ନାନେୟାପେଟା ସାହି,ବିଦ୍ୟାଧର ନଗର,ମିଶ୍ର କଲୋନୀ ଓ ରାମନଗର ପରିକ୍ରମା ହୋଇଥିଲା। ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ଯିବା ଦହି ଭାତ ଭୋଗ କରାଯାଇଥିଲା।

ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯିବା ଆଳତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରିଥିଲେ। ମା'ଙ୍କ ଏହି ଘଟ ପରିକ୍ରମା ଦେଖିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ମା'ଙ୍କ ଘଟ ନଗର ପରିକ୍ରମା ସମୟରେ ଯେପରି କୌଣସି ଅସୁବିଧା ନ ହେବ ସେଥି ନିମନ୍ତେ ଛତ୍ରପୁର ଥାନାର ବହୁ ପୁଲିସ୍ କର୍ମଚାରୀ ସହାୟତା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସିଏଚ୍.ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି, ସମ୍ପାଦକ ପି.ରାଜୁରେଡ୍ଡୀ ଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ମାନେ ପରିଚାଳନା କରିଥିଲେ। ଚଳିତ ବର୍ଷ ମାଙ୍କ ସୁନ୍ଦର ତୋରଣ ସହିତ ଆଲୋକ ଶଯ୍ୟାରେ ଝଲସି ଉଠୁଛି ସାରା ସହର। ଆଗାମୀ ଦିନ ରେ ବଡ଼ ବଡ଼ କଳାକୁଞ୍ଜ, ଲାଇଟ ଗେଟ ଏବଂ ବିଭିନ୍ନ ଜିଲ୍ଲା ଏବଂ ରାଜ୍ୟ ଓ ଅନ୍ୟ ରାଜ୍ୟର ଅନେକ କଳାକାର ମାନେ ଯୋଗଦେଇ ମାଙ୍କ ଶୋଭା ବଢ଼ାଇବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଦିଗପହଣ୍ଡି,୮ ।୫(ସମିସ): ଦିଗପହଣ୍ଡି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ବିଦ୍ୟା ମନ୍ଦିରର ସମୁଦାୟ ୮୮ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ପାସ୍ ହାର ଶତ ପ୍ରତିଶତ ରହିଥିବା ବେଳେ ୯ ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍‌ରେ ପାସ୍ କରିଛନ୍ତି। ଛାତ୍ର ଅଭିଷେକ ଗୌଡ଼ ଦିଗପହଣ୍ଡି ବ୍ଲକ ଟପ୍ପର ହୋଇ ବିଦ୍ୟାମନ୍ଦିର ପାଇଁ ଗୌରବ ଆଣିଛନ୍ତି। ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର ଏବଂ ଷଷ୍ଠୀ ପ୍ରସାଦ ବିଷୋୟୀ, ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ବିଷୋୟୀ, ସମ୍ପାଦକ ପ୍ରହ୍ଲାଦ ଡାକୁଆଙ୍କ ଉପସ୍ଥିତିରେ ଶିକ୍ଷା ବିକାଶ ସମିତି ସମ୍ପାଦକ ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ କୃତୀ ଛାତ୍ର ଅଭିଷେକ ଗୌଡ଼, ଶୁଭମ ଜାନୀ, ଆଲିଶା ମହାରଣା, ଏମ୍. ରାହୁଲ, ଶୁଭସ୍ମିତା ପଣ୍ଡା, ସୁଦେଷ୍ଣା ରାଉତ, ଅନ୍ୱେଷା ନାହାକ, କେ. ହିମାଂଶୁ ରେଡ୍ଡୀ ଏବଂ ଜ୍ୟୋତିରଞ୍ଜନ ଗୌଡ଼ଙ୍କୁ ସମ୍ମାନିତ କରାଯାଇଥିଲା।

**ଶେରଗଡ:** ଶେରଗଡ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଚଳିତ ମାଟ୍ରିକ ପରୀକ୍ଷାରେ 'ଏ-୧' ଗ୍ରେଡ୍ ପାଇଥିବା ୪ ଜଣ ଲିପସା ମଲ୍ଲିକ, ବର୍ଷା ରାଣୀ ପାତ୍ରୀ, ଶ୍ରୀୟାନ୍ସ ମିଶ୍ର, ଶ୍ରାବଣୀ ପାତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀକାନ୍ତ ପଣ୍ଡା ସମ୍ବର୍ଦ୍ଧିତ କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶୈଳେନ୍ଦ୍ରୀ ଦଳେଇ ଓ ଦିବାକର ଗମାଙ୍ଗ, ସିଆରସିସି ଜଗନ୍ନାଥ ସେଠୀ, ଶେରଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଡାକୁଆ, ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ, ସିଆର୍‌ସିସି ପପୁନ ପାଣିଗ୍ରାହୀ, କେ.କରଡାକଣା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଗୋଠଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।




# ରାଜମିସ୍ତ୍ରି ସଂଘର ବାର୍ଷିକ ଉତ୍ସବ




ସାନଖେମୁଣ୍ଡି,୮ ।୫(ସମିସ): ସାନଖେମୁଣ୍ଡି ବ୍ଲକ ଅଧିନରେ ୧୬ ବର୍ଷ ଧରି ଗଢି ଉଠିଥିବା ବୁଢେଶ୍ୱର ରାଜ ମିସ୍ତ୍ରି ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ପାଟପୁର ସ୍ଥିତ ଠାକୁରାଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାନଖେମମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ରାସାୟନିକ ଅଧ୍ୟାପକ କୈଳାସ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ଼, ବୁଦ୍ଧେଶ୍ୱର ମନ୍ଦିର ଉପସଭାପତି ଏ ମାଧବ ରେଡ଼ି, ରାଜମିସ୍ତ୍ରି ସଙ୍ଘର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସଭାପତି ସନାତନ ସାହୁ, ଉପ ସଭାପତି ବୁଲୁ ସାହୁ, ସମ୍ପାଦକ ଗୌରହରି ମହାରଣା, ସହ ସମ୍ପାଦକ ହରିକୃଷ୍ଣ ମହାରଣା, କୋଷାଧ୍ୟକ୍ଷ ରାଧାମାଧବ ସାହୁ ମଞ୍ଚାସିନ ଥିଲେ। ସଭାରେ ରାଜମିସ୍ତ୍ରୀ ମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସଂଘର ପୂର୍ବତନ ଉପ ସଭାପତି ଶଙ୍କରସନ ମହାରଣା, କାର୍ଯ୍ୟକାରୀ ସଦସ୍ୟ କୁନା ରଣା, ନିତ୍ୟାନନ୍ଦ ସାହୁ, ମହେଶ୍ୱର ସାହୁ, କେଶବ ମହାରଣା, କେ. ନାରାୟଣ ରେଡ଼ି, ଗୌରହରୀ ବେହେରା, ସନ୍ତୋଷ କୁମାର ସାହୁ, ଶିବ ସାହୁ, ହିନ ସାହୁ, ମନ ମୋହନ ସାହୁ, ରିଣ୍ଟୁ ସାହୁଙ୍କ ସମେତ ସମସ୍ତ ସଦସ୍ୟ, ପୁରୁଷ ଓ ମହିଳା ଶ୍ରମିକଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଧରାକୋଟରେ ଚାଲିଛି ଦଣ୍ଡକାଳୀ ଚଳଚ୍ଚିତ୍ର ସୁଟିଂ



ଧରାକୋଟ,୮ ।୫(ସମିସ): ଧରାକୋଟ ରାଜବାଟୀରେ ନିର୍ମାଣାଧୀନ ଓଡ଼ିଆ ଚଳଚ୍ଚିତ୍ର ଦଣ୍ଡକାଳୀର ସୁଟିଂ ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲାର ଆଧାରିକ ଓ ପାରମ୍ପରିକ ଗଣପର୍ବ ମା'କାଳୀଙ୍କ ଦଣ୍ଡଯାତ୍ରା ଉପରେ ଏହି ଚଳଚ୍ଚିତ୍ରର କଥାବସ୍ତୁ ଆଧାରିତ। ରାଜଶ୍ରୀ ଘୋଷ ଏହାର ପ୍ରଯୋଜକ ରହିଥିବା ବେଳେ ସୁକାନ୍ତ ବାବୁ ଏହାର କାର୍ଯ୍ୟ ନିର୍ବାହୀ ପ୍ରଯୋଜକ ରହିଛନ୍ତି। ସୁଧାଂଶୁ ମୋହନ ସାହୁ ଏହାର ନିର୍ଦ୍ଦେଶକ,ପ୍ରେମ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶକ, ଅଭିଷିକ୍ତା ମିଶ୍ର କାହାଣୀ,ଦିଲିପ ଚୌଧୁରୀ ସଂଳାପ,ଦୀପକ କୁମାର ଚିତ୍ରାଉତ୍ତୋଳନ କରୁଥିବା ବେଳେ ତ୍ରିଲୋଚନ ସ୍ୱାଇଁ ସହ ନିର୍ଦ୍ଦେଶକ ରହିଛନ୍ତି। ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡଯାତ୍ରା ର ପ୍ରଚାର ଓ ପ୍ରସାରରେ ଏହି ଚଳଚ୍ଚିତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ପଞ୍ଚମ ଦିନରେ ରମ୍ଭା ଚନ୍ଦନ ଯାତ୍ରା

# ଆଲୋକମାଳାରେ ଝଲସୁଛି ମୃଣ୍ମୟୀ ପ୍ରତିମା

ରମ୍ଭା,୮ ।୫(ସମିସ): ରମ୍ଭା ଚନ୍ଦନ ଯାତ୍ରା ପଞ୍ଚମ ଦିବସରେ ପହଁଚିଛି। ଯାତ୍ରାକୁ ଉପଭୋଗ କରିବା ପାଇଁ ରାଜରାସ୍ତା ପାଶ୍ୱର୍ ତଥା ସ୍ୱର୍ଣ୍ଣକାତର ଜାଗା ମାନଙ୍କରେ ବହୁ ଉଚ୍ଚତା ସମ୍ପର୍ଣ୍ଣ ତୋରଣ ସାଙ୍ଗକୁ ମେଢ଼ ନିର୍ମାଣ ରାସ୍ତା ପାଶ୍ୱର୍ରେ ଭିନ୍ନ ଧରଣର ମେଢ଼ ନିର୍ମାଣ କରାଯାଇଛି।



ଏହା ବ୍ୟତୀତ ମିନା ବଜାର, ରାମ ଦୋଳି, ମନୋହର ସାମାନ, ରଙ୍ଗ ବେରଙ୍ଗର ସାମଗ୍ରୀ ବିକ୍ରୟ ହୋଇଛି। ସ୍ଥାନେ ସ୍ଥାନେ ପାଲା, ଦାସକାଟିଆ, ଗୋଟି ପୁଅ ନାଚ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲୁ ରହିଛି। ମଦନ ମୋହନଙ୍କୁ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା ଦ୍ୱାରା ପହଣ୍ଡି ବିଜେ କରାଯାଇ ସାହିବସ୍ତି ପରିଭ୍ରମଣ କରାଯାଉଛି।

# ଅସହାୟ ପରିବାରକୁ ବିଧାୟକଙ୍କ ସହାୟତା



ଛତ୍ରପୁର,୮ ।୫(ସମିସ): ଛତ୍ରପୁର ବ୍ଲକ ହୁମ୍ବର ଗ୍ରାମର ଯୁଧିଷ୍ଠିର ନାୟକଙ୍କର ଲିଭର ସିରୋସିସ ଜନିତ ରୋଗରେ ମୃତ୍ୟୁ ଘଟିଛି। ଦୀର୍ଘଦିନ ଧରି ସେ ଏହି ରୋଗରେ ପୀଡିତ ଥିଲେ। ମୃତ୍ୟୁ ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ହୁମ୍ବର ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାର ସହ ସାକ୍ଷାତ କରିଥିଲେ। ବିଧାୟକ ମୃତକଙ୍କ ସ୍ତ୍ରୀ ଯମୁନା ନାୟକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବସ୍‌ଷ୍ଟାଣ୍ଡ ଅଞ୍ଚଳ ଜଳମଗ୍ନ

# ତହସିଲଦାରଙ୍କୁ ଭେଟିଲେ ଅଞ୍ଚଳବାସୀ

ଦିଗପହଣ୍ଡି,୮ ।୫(ସମିସ)



ଦିଗପହଣ୍ଡି ଏନଏସି ୧୦ନଂ ୱାର୍ଡ ବସ୍‌ଷ୍ଟାଣ୍ଡ ଇଲାକାର ଉତ୍ତର ଓ ଦକ୍ଷିଣ ସାହି ବାସିନ୍ଦା ଓ ଦୋକାନୀ ଦୀର୍ଘ ୪ ଦିନ ହେଲା ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ସାମାନ୍ୟ ବର୍ଷା ହେଲେ ବର୍ଷାଜଳ ଓ ରାସ୍ତାକଡ ନର୍ଦ୍ଦମା ପାଣି ଘର ଓ ଦୋକାନ ମାନଙ୍କରେ ପଶୁଛି।

ମୁଖ୍ୟରାସ୍ତାର ଉଭୟ କଡ଼ରେ ଜମି ରହୁଥିବା ବର୍ଷାପାଣି, ନାଳ ନର୍ଦ୍ଦମାର ଦୂଷିତ ଜଳର ସ୍ଥାୟୀ ନିଷ୍କାସନ ଦାବିରେ ସ୍ଥାନୀୟ ବାସିନ୍ଦା ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ୟାର ସ୍ଥାୟୀ ସମାଧାନ କରାନଗଲେ ବସଷ୍ଟାଣ୍ଡ ଠାରେ ରାସ୍ତାରୋକ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦିଗପହଣ୍ଡି ସହର ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟ ପେଣ୍ଠସ୍ଥଳୀ ହୋଇଥିବା ବେଳେ ପ୍ରତିଦିନ ଏହି ବସ୍‌ଷ୍ଟାଣ୍ଡ ଇଲାକାକୁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ବ୍ୟବସାୟ ପାଇଁ ଆସିଥାନ୍ତି। ଏଠାରେ ୨ଟି ପ୍ରମୁଖ ବ୍ୟାଙ୍କ, ଏଟିଏମ୍ ଏବଂ ଛାତ୍ରୀଛାତ୍ରଙ୍କ ତାଲିମ ନିମନ୍ତେ କମ୍ପ୍ୟୁଟର ସେଣ୍ଟର ରହିଛି। ସାମାନ୍ୟ ବର୍ଷା ହେଲେ ଏହି ୧୭ ନଂ. ରାଜ୍ୟରାଜପଥ ଅଧୀନ ଏହି ମୁଖ୍ୟରାସ୍ତା କୃତ୍ରିମ ବନ୍ୟା ସୃଷ୍ଟି ହେବା ସହ ନାଳ ନର୍ଦ୍ଦମାର ଦୂଷିତ ପାଣି ରାସ୍ତା ଉପରେ ଲହଡ଼ି ମାରୁଛି।

ବର୍ଷାଜଳ ଓ ନାଳ ନର୍ଦ୍ଦମାର ଦୂଷିତ ପାଣି ଡ୍ରେନ ଯୋଗେ ନିଷ୍କାସନ ନ ହେବାରୁ ବସ୍‌ଷ୍ଟାଣ୍ଡର ଉଭୟ ପାଶ୍ୱର୍ରେ ୩ ଫୁଟ ପର୍ଯ୍ୟନ୍ତ ପାଣି ଜମି ରହୁଛି। ଫଳରେ ସ୍ଥାନୀୟ ଜନସାଧାରଣ, ବ୍ୟାଙ୍କସେବା ନିମନ୍ତେ ଦୂରଦୂରାନ୍ତର ଆସୁଥିବା ଗ୍ରାହକ ଏବଂ ଛାତ୍ରୀଛାତ୍ରମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ରାସ୍ତାରେ ଦୀର୍ଘଦିନ ଧରି ପାଣି ଜମି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ଦ୍ୱାରା ସ୍ଥାନୀୟ ବାସିନ୍ଦା ନିଜକୁ ଅସ୍ୱାସ୍ଥ୍ୟକର ମନେ କରୁଛନ୍ତି। ଗୁରୁବାର ସ୍ଥାନୀୟ ତହସିଲଦାରଙ୍କ ସମେତ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ମନୋଜ ମହାରଣା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ନଗରପାଳ ପ୍ରଫୁଲ୍ଲ ପଣ୍ଡା, କାଉନସିଲର ଦୀପକ କୁମାର ମିଶ୍ର, ରାଜସ୍ୱ ନୀରିକ୍ଷକ ଉପେନ୍ଦ୍ର ବେହେରା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ବର୍ଷାପାଣି, ନାଳ ନର୍ଦ୍ଦମା ଜଳ କିଭଳି ନିଷ୍କାସିତ ହୋଇପାରିବ ସେ ନେଇ ଆଲୋଚନା କରି ଫେରିଥିବା ଜଣାପଡ଼ିଛି।

# ଲାଠୀରେ ରାଧାମାଧବ ମନ୍ଦିର ପ୍ରତିଷ୍ଠା



କୁକୁଡ଼ାଖଣ୍ଡି,୮ ।୫(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମ ନିୟତି ପେଟ୍ରୋଲ ପମ୍ପ ନିକଟରେ ନିର୍ମିତ ରାଧାମାଧବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଘୃତଯଜ୍ଞ, ଅନ୍ନଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ ସାବତ, କମିଟି, ସାଧୁଚରଣ ଚୌଧରି, ରମାକାନ୍ତ ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ସାହୁ, ସଂଜୟ ସାହୁ, ରାମଚନ୍ଦ୍ର ବସ୍ତିଆ, ପ୍ରଶାନ୍ତ ପାତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ
THE SAKALA



# ବିଭିନ୍ନ ସ୍ଥାନରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ

## ପାରଳାଖେମୁଣ୍ଡି ଆଦର୍ଶ ଥାନା




ପାରଳାଖେମୁଣ୍ଡି,୮।୫(ସମିସ): ଓଡ଼ିଶା ପୁଲିସ ଓ ୟୁନିସେଫ୍ ସହଯୋଗରେ ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ଶାଖା ଦ୍ୱାରା ଆୟୋଜିତ ଜୁଭେଣ୍ଟିକା କାର୍ଯ୍ୟକ୍ରମ କିଶୋରଙ୍କ ସହିତ ଶିଶୁ କଲ୍ୟାଣ ପୁଲିସ ଅଧିକାରୀକୁ ନେଇ କଟକ ସ୍ଥିତ ରାଜ୍ୟ ପୁଲିସ କାର୍ଯ୍ୟାଳୟରେ ହୋଇଥିଲା। କାର୍ଯ୍ୟକ୍ରମକୁ ପୁଲିସ ମହାନିର୍ଦ୍ଦେଶକ, ଓଡ଼ିଶା ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ଶାଖା କାର୍ଯ୍ୟାଳୟରୁ ଅନଲାଇନ୍ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ରାଜ୍ୟର ବିଭିନ୍ନ ଥାନା ସହିତ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମଧ୍ୟ ସିଧାସଳଖ ପ୍ରସାରଣ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି, ସମ୍ମାନିତ ଅତିଥିଙ୍କ ମଧ୍ୟରେ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମନୋରମାଦେବୀ, ଶିଶୁ କଲ୍ୟାଣ ପୁଲିସ ଅଧିକାରୀ ତଥା ପାରଳାଖେମୁଣ୍ଡି ଆଦର୍ଶ ଥାନାର ଏସ୍ଆଇ କୌତୁକ ସେଠୀ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧି ଏବଂ ଗୋଷାଣି ଓ କାଶୀନଗର ବ୍ଲକର ଅଙ୍ଗନବାଡି କର୍ମୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସଭିଏଁ ସହଯୋଗ କଲେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଶିଶୁମାନଙ୍କ କଲ୍ୟାଣ ପାଇଁ ଏକ ସାର୍ଥକ ଓ ସଫଳ ପ୍ରୟାସ ହୋଇପାରିବ ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି।

## ଟିକାବାଲି ଥାନା

**ଟିକାବାଲି:** ମହିଳା, ଶିଶୁକନ୍ୟା ଏବଂ ଯୁବତୀଙ୍କ ବିରୋଧରେ ଘଟୁଥିବା ହିଂସା ତଥା ନିର୍ଯାତନା ରୋକିବାକୁ ଟିକାବାଲି ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶା ପୁଲିସ, ସିବିଆଇ, କ୍ରାଇମ ବ୍ରାଞ୍ଚ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ "କେର'ର ମିଳିତ ଅନୁକୂଲ୍ୟରେ ଏବଂ ୟୁନିସେଫର ସହାୟତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପରିଚାଳିତ ହୋଇଥିଲା। ଏଥିରେ ବିଶେଷଜ୍ଞମାନେ ଯୋଗଦେଇ ନାରୀ ନିର୍ଯାତନା ଓ ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଟିକାବାଲି ଆଇଆଇସିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଇକିଆ ଥାନା




**ରାଇକିଆ:** ରାଇକିଆ ଥାନାରେ ଥାନା ଅଧିକାରୀ ଦାୟିତ୍ୱରେ ଥିବା ସବ୍ ଇନ୍ସପେକ୍ଟର ଆଶୁତୋଷ ପାଇକରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋରୀ ବାଳିକା ସୋସିଆଲ ମିଡିଆ ସଂସ୍ପର୍ଶରେ ଆସି କିପରି ପଥଭ୍ରଷ୍ଟ ହେଉଛନ୍ତି ସେ ନେଇ ସଚେତନା କରାଯିବା ସହ ଥାନା ପ୍ରତି ଭୟ ଦୂର କରିବା, ସାଇବର୍ ବିପଦରୁ ଛୋଟପିଲାଙ୍କୁ ଦୂରେଇ ରଖିବା ଭଳି ସତର୍କତା ମୂଳକ ପଦକ୍ଷେପ ପୁଲିସ ପକ୍ଷରୁ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସମେତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ଏଏସ୍ଆଇ ସୀତା ପ୍ରସାଦ ବିଷୋୟୀ, ତପନ କୁମାର ଦାସ, ହୋମ୍‌ଗାର୍ଡ ସଜେଶ ପ୍ରଧାନ ଏବଂ ଥାନା କର୍ମଚାରୀ କର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୁଗୁଡ଼ା ଥାନା

**ବୁଗୁଡ଼ା:** ବୁଗୁଡା ଥାନା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ଚାଇଲ୍ଡ ୱେଲଫେର୍ ଅଫିସର ଜ୍ୟୋତିଶ୍ରୀ ସାହୁ, ସିଡିପିଓ ବବିତା କୁମାରୀ ପଣ୍ଡା ଓ ସୁପରଭାଇଜର ଜି.ରଶ୍ମିଙ୍କ ସମେତ ବିଭିନ୍ନ ଅଙ୍ଗନବାଡ଼ି କର୍ମୀ ଏବଂ କିଶୋରୀ ବାଳିକାମାନେ ଉପସ୍ଥିତ ରହିଥିଲେ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ପୁଲିସ ଡିଜି ୱାଇ.ବି.ଖୁରାନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ମହିଳା ଏସ୍ଆଇ ଜ୍ୟୋତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏଏସଆଇ ସୁମନ୍ତ କୁମାର ବେହେରା, ବସନ୍ତ କୁମାର ସାହୁ, ଦିପକ ଦଳବେହରା, ମିହିର ଭଞ୍ଜଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ଭଞ୍ଜନଗର ଥାନା

**ଭଞ୍ଜନଗର:** ଭଞ୍ଜନଗର ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ରହି ୧୮ ବର୍ଷ ରୁ କମ୍ ବୟସର ଏହି ପିଲାମାନଙ୍କୁ ସାଇବର ଅପରାଧ ସଂପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସପି ରଞ୍ଜନ କୁମାର ଦେ, ଥାନା ଅଧିକାରୀ ଜୀବନାନନ୍ଦ ଜେନା ଓ ଥାନା ର ଅନ୍ୟ ସମସ୍ତ ଷ୍ଟାଫ୍ ଉପସ୍ଥିତ ରହିଥିଲେ।

## ଗୁରାଣ୍ଡି ଥାନା

**ଗୋଷାଣି:** ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ହୋଇଥିଲା। ଗୁରାଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଏବଂ ଶିଶୁ କଲ୍ୟାଣ ପୁଲିସ ଅଧିକାରୀ ତଥା ଥାନାର ଏସ୍ଆଇ ଅମ୍ବିକା ବେଣିଆ ଜୁଭେଣ୍ଟିକାକୁ ନେଇ ବ୍ୟାପକ ସଚେତନତା କରିଥିଲେ। କାର୍ଯ୍ୟକ୍ରମକୁ ଗୁରାଣ୍ଡି ଥାନାର ସମସ୍ତ କର୍ମଚାରୀଙ୍କ ସମେତ ଏଏସ୍ଆଇ ରାମକୃଷ୍ଣ ପାଣିଗ୍ରାହୀ, ପି.କେ.ତାରିଣୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କାଶୀନଗର ଥାନା

**କାଶୀନଗର:** କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଡିଏସପି ନିରଞ୍ଜନ ବେହେରା



ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡିଏସପି ନିରଞ୍ଜନ ବେହେରା ମହିଳା ନିର୍ଯାତନା, ଶିଶୁ ସୁରକ୍ଷା, ସାଇବର ଅପରାଧ, ଶିଶୁ ଶ୍ରମ ଓ ସମାଜରେ ବଢୁଥିବା ଅନ୍ୟାନ୍ୟ ଅପରାଧ ସମ୍ପର୍କରେ ବିସ୍ତୃତ ସଚେତନତାମୂଳକ ବକ୍ତବ୍ୟ ରଖିଥିଲେ। ଶିଶୁ ଓ ମହିଳା କୌଣସି ସମସ୍ୟାର ସମ୍ମୁଖୀନ ହେଲେ ସିଧାସଳଖ ପୁଲିସ ସହ ଯୋଗାଯୋଗ କରିପାରିବେ ବୋଲି ଥାନାଅଧିକାରୀ କହିଥିଲେ। କାର୍ଯ୍ୟକ୍ରମରେ ଥାନା ସବ୍‌ଇନ୍ସପେକ୍ଟର ଆଲୋକ ରଞ୍ଜନ ଜଗଦଳା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଦାରିଙ୍ଗବାଡି ଥାନା



**ଦାରିଙ୍ଗବାଡି:** ଦାରିଙ୍ଗବାଡି ଥାନା ପରିସରରେ ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ସିଡ଼ିପିଓ ସନ୍ଧ୍ୟାରାଣୀ ପଣ୍ଡା, ଏସ୍ଆଇ ଲକ୍ଷ୍ମୀ ମାଝୀ ଏବଂ ବାସନ୍ତୀ ବେହେରା ଉପସ୍ଥିତ ରହି ସଚେତନ କରିଥିଲେ। ସାଇବର ସୁରକ୍ଷା ଅନଲାଇନରେ ଅଶ୍ଳୀଳ ବିଷୟବସ୍ତୁରୁ ପିଲାମାନଙ୍କୁ ଦୂରେଇ ରଖିବା ଏବଂ ଡିଜିଟାଲ୍ ସୁରକ୍ଷା ବିଷୟରେ ଜଣାଇବା, କିଶୋରୀ କିଶୋରଙ୍କ ମାନସିକ ସୁସ୍ଥତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବା, ପିଲାଙ୍କ ମନରୁ ପୁଲିସ ପ୍ରତି ଥିବା ଭୟ ଦୂର କରି ସେମାନଙ୍କୁ ସୁରକ୍ଷିତ ଅନୁଭବ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଥାନା ଅଧିକାରୀ କହିଥିଲେ। ପରେ କିଶୋରୀଙ୍କୁ ଥାନା ବୁଲାଇ ସମସ୍ତଙ୍କ ସହ ପରିଚୟ କରାଯାଇଥିଲା।

## ଫିରିଙ୍ଗିଆ ଥାନା

**ଫିରିଙ୍ଗିଆ:** ଫିରିଙ୍ଗିଆ ଥାନା ପକ୍ଷରୁ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନେତୃତ୍ୱରେ ଥାନା ପରିସରରେ ଥିବା ସଭାଗୃହରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଥାନାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ଅଙ୍ଗନବାଡ଼ି କର୍ମୀ




ଉପସ୍ଥିତ ଥିଲେ। କନ୍ଧମାଳ ଜିଲ୍ଲାରେ ବାଲ୍ୟ ବିବାହ, ନାବାଳିକା ଯୌନ ନିର୍ଯାତନା ଭଳି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିବା ବେଳେ ଏହା ଉପରେ ରୋକ ଲଗାଇବାକୁ ରାଜ୍ୟ ସରକାରଙ୍କ ତରଫରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କଟାଯାଇଛି। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତି କିଶୋରୀ ବାଳିକା ନୂତନ ଭାବରେ ନିର୍ମାଣ ହୋଇଥିବା ଥାନା କୋଠାକୁ ବୁଲି ଦେଖିଥିଲେ।

## ପୁରୁଷୋତ୍ତମପୁର ଥାନା




ପୁରୁଷୋତ୍ତମପୁର,୮।୫(ସମିସ): ପୁରୁଷୋତ୍ତମପୁର ଥାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ କୁଳମଣି ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡି ସେକ୍ଟରରୁ ଆସିଥିବା କିଶୋରୀ ବାଳିକା, ଶିଶୁମାନେ ଆଭାସୀ ମାଧ୍ୟମରେ ଶିଶୁଙ୍କ ସୁରକ୍ଷା ଓ ଅଧିକାର ବିଷୟରେ ଦେଖିଥିଲେ। ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ସିଡିପିଓ, ଜାମୁନୀ ସରପଞ୍ଚ ଇନ୍ଦ୍ରଜିତ ନାୟକ, ସମାଜସେବୀ ଜଗତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୁଲିସ ଅଧିକାରୀ ସୁସାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମସ୍ତ ପୁଲିସ କର୍ମଚାରୀ ପରିଚାଳନା କରିଥିଲେ।







ଶେରଗଡ,୮।୫(ସମିସ): ଶେରଗଡ ଥାନା ପରିସରରେ ଏକ ସ୍ୱତନ୍ତ୍ର ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ବରେନ୍ଦ୍ର ଶିଅଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଥାନାଧିକାରୀ ଜ୍ଞାନ ରଞ୍ଜନ ସେଠି ଯୁବ ପିଢୀଙ୍କୁ ଅନଲାଇନ ର ସୁରକ୍ଷା ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଶେରଗଡ ବ୍ଲକ ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ମମତାଞ୍ଜଳି ପଣ୍ଡା, ଏଏସଆଇ କୃଷ୍ଣଚନ୍ଦ୍ର ଦାସଙ୍କ ସହିତ ଶେରଗଡ ଥାନାର ସମସ୍ତ କର୍ମଚାରୀ, ଶେରଗଡ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଧରାକୋଟ:** ଧରାକୋଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଇନ୍ସପେକ୍ଟର ଅଞ୍ଜଳି ବେହେରା, ସିଡିପିଓ ସୁନିଲ ପ୍ରଭା ରଥ, ଶିଶୁ କଲ୍ୟାଣ ପୋଲିସ ଅଧିକାରୀ ସସ୍ମିତା ପଣ୍ଡା ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ରହି କିଶୋର ଓ କିଶୋରୀ ମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇଥିଲେ। ବୈଠକରେ ସୁପରଭାଇଜର ସୁଶୀଳା ମଲିକ, ପଦ୍ମାବତୀ ମଲିକଙ୍କ ସମେତ ଅଙ୍ଗନବାଡି କର୍ମୀ, ଅଭିଭାବକ ମାନେ ଉପସ୍ଥିତ ରହିଥିଲେ।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦ ପୁଲିସ କାର୍ଯ୍ୟାଳୟ ପରିସରରେ ଜୁଭେନିକା କାର୍ଯ୍ୟକ୍ରମ ଅଞ୍ଚଳର ବିଦ୍ୟାଳୟ ଓ କଲେଜ ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ଅତିରିକ୍ତ ଥାନାଧିକାରୀ ଅନିଲ କୁମାର



ଦେବତା, ଏଏସଆଇ ବ୍ରହ୍ମାନନ୍ଦ ପ୍ରଧାନ, ଟି. ପ୍ରମିଳା, ବସନ୍ତ କୁମାର ଜେନା, ପ୍ରେମଲତା ଜେନା, ସେବତୀ ପ୍ରଧାନଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ରହିଥିଲେ।

**ଛତ୍ରପୁର:** ଚମାଖଣ୍ଡି ଓ ଛତ୍ରପୁର ଥାନା ପକ୍ଷରୁ ଜୁଭେଣ୍ଟିକା ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଓ ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଉପସ୍ଥିତ ରହି ଥାନା ଅଧୀନ ମହିଳା ଓ ଛାତ୍ରୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଦୁଇଟି ଥାନାରେ ଅଙ୍ଗନବାଡି କର୍ମୀ ଓ ବହୁ ନାବାଳିକା ଏବଂ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ପୋଲସରା:** ପୋଲସରା ଥାନା ଅଧିକାରୀ କୌଶିକ୍ ମାଝୀଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ନଗରପାଳିକା ସଙ୍ଗୀତା ବେହେରା, ଆଇସିଡିଏସ୍ ସୁପର୍ଭାଇଜର ସୁରଭି କୁସୁମ ଦାସ, ପୋଲସରା ଥାନାର ମହିଳା ଓ ଶିଶୁ ମିତ୍ର ମିଲନ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଶୁମାନଙ୍କ ଅନଲାଇନ ସୁରକ୍ଷା, ସାଇବର ସଚେତନତା, ଡିଜିଟାଲ ଅଧିକାର, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର ଭଳି ବିଷୟ ଉପରେ ଆଲୋଚନା କରାଯାଇଥିଲା।

**ଆସିକା:** ଆସିକା ଥାନା ପରିସରରେ ଅତିରିକ୍ତ ଥାନା ଅଧିକାରୀ ସୌମ୍ୟରଞ୍ଜନ ଜେନା, ମହିଳା ଓ ଶିଶୁ ଅଧିକାରିଣୀ ଆଲିସ୍ମିତା ଜେନା, ଇନ୍ସପେକ୍ଟର କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କିଶୋର ଓ କିଶୋରୀ ମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇଥିଲେ। ଉପସ୍ଥିତ ଅଧିକାରୀ ମାନେ ସାଇବର ସୁରକ୍ଷା, କିଶୋର କିଶୋରୀ ନିର୍ଯାତନା ବିଷୟରେ ସଚେତନ ହେବା, ସେମାନଙ୍କ ଡିଜିଟାଲ ଅଧିକାର, ସୁରକ୍ଷିତ ଅନଲାଇନ ବ୍ୟବହାର ସହ ପୀଡିତା ଓ ଆଇନ ସହ ସଂଘର୍ଷରତ ଶିଶୁର ସୁରକ୍ଷା ଓ ଅଧିକାର ବିଷୟରେ ସଚେତନ କରାଇବା ସହ ଥାନାରେ ସେମାନଙ୍କ ପ୍ରତି କରାଯାଉଥିବା ସାବଲୀଳ ବ୍ୟବହାର ସମ୍ପର୍କରେ ଅବଗତ କରାଯାଇଥିଲା।




## ବ୍ରହ୍ମପୁର ପୁଲିସ ଜିଲ୍ଲା



ବ୍ରହ୍ମପୁର ପୁଲିସ ଜିଲ୍ଲାର ବିଭିନ୍ନ ଥାନାରେ ୟୁନିସେଫ୍ ସହଯୋଗରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜୁଭେନଣ୍ଟିକା ସଚେତନତା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସମସ୍ତ ଥାନା ସଭା ଗୃହରେ ମହିଳା ଓ ଶିଶୁ ଶାଖା, ସିଆଇଡ଼ି ଓ କ୍ରାଇମବ୍ରାଞ୍ଚ ଦ୍ୱାରା ଆୟୋଜିତ କରିଥିଲେ। ଏଥିରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସାଇବାର ଠକେଇ ଠାରୁ କିପରି ଦୁରେଇ ରହିବା, ପୁଲିସକୁ କେବେ ହେଲେ ଭୟ କରିବା ନାହିଁ, ଯାହାବି ଅସୁବିଧା ହେଲା ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେବା। ପୁଲିସକୁ ସବୁ ବେଳେ ସହଯୋଗ କରିବା, ନିଜ ଫୋଟକୁ ସବୁ ବେଳେ ମୋବାଇଲରେ ଅପ ଲୋଡ଼ କରନ୍ତୁ ନାହିଁ, ତାହାସହ ପ୍ରୋଫାଇଲକୁ ଗୋପନୀୟ ରଖିବା, ମୋବାଇଲରୁ ଭଲ ଶିକ୍ଷା ଗ୍ରହଣ କରିବା ଆଦି ଉପରେ ସଚେତନ କରାଇବା ସହ ବିଭିନ୍ନ ଥାନାର ଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ସ୍କୁଲ, କଲେଜର ଛାତ୍ରୀ, ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। ପରେ ସମସ୍ତେ ଥାନା ପରିସର ବୁଲି ଦେଖିଥିଲେ। ସମସ୍ତ ଥାନାର ଅଧିକାରୀ, ଏସଆଇ ଓ ଏଏସଆଇ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।

### ● ହଟିବ ରାସ୍ତାକଡ଼ ବସ୍ ପାର୍କିଂ

## ନୋଟିସ୍ ଜାରି ପରେ ଆଗକୁ କାର୍ଯ୍ୟାନୁଷ୍ଠାନ: କମିସନର



ବ୍ରହ୍ମପୁର,୮।୫(ସମିସ): ବ୍ରହ୍ମପୁର ସହରରେ ଜବରଦଖଲ ଯୋଗୁଁ ବଢିବାରେ ଲାଗିଛି ଟ୍ରାଫିକ ସମସ୍ୟା। ପରିସ୍ଥିତି ଏଭଳି ହୋଇଛି ଯେ ରାସ୍ତାଘାଟ ଓ ଡ୍ରେନକୁ ମଧ୍ୟ ନିଜ ଅକ୍ତିଆରରେ ରଖିବାକୁ ପଛାଉ ନାହାନ୍ତି ଲୋକେ। ଏଭଳି ସ୍ଥିତିରେ ରାସ୍ତା ଉପରେ ଘରୋଇ ବସଗୁଡିକର ପାର୍କିଂ ସମସ୍ୟାକୁ ଜଟିଳ କରିଦେଇଛି। ନୂଆ ବସଷ୍ଟାଣ୍ଡ ରାସ୍ତା ଓ ମେଡିକାଲ ରାସ୍ତା ଗହଳି ହେବାରୁ ପ୍ରଶାସନ ପକ୍ଷରୁ ମେଡିକାଲ ବାଇପାସ ରାସ୍ତା ନିର୍ମାଣ କରାଗଲା। ସେହିଭଳି ବ୍ରହ୍ମପୁର ଷ୍ଟାଡିୟମ ପାଶ୍ୱର୍ରେ ଜନସାଧାରଣଙ୍କ ସୁଗମ ଯାତାୟତ ପାଇର୍ ବହୁ କୋଟି ବ୍ୟୟରେ ଡବଲ ରାସ୍ତା ନିର୍ମାଣ କରାଗଲା। ତେବେ ଉଭୟ ରାସ୍ତାରେ ଘରୋଇ ବସଗୁଡିକୁ ପାର୍କିଂ କରାଯାଉଥିବାରୁ ଲୋକଙ୍କ ଯାତାୟତରେ ସମସ୍ୟା ଉପୁଜୁଛି। କେବଳ ବସ ପାର୍କିଂ ହେଉଛି ଏହା ନୁହେଁ ସେଠାରେ ଗାଡିଗୁଡିକୁ ଧୋଇ ସଫା କରାଯାଉଥିବାରୁ ସମ୍ପୃକ୍ତ ଅଞ୍ଚଳ ଅପରିଷ୍କାର ମଧ୍ୟ ହେଉଛି। ରାସ୍ତା ଉପରେ ବସଗୁଡିକୁ ପାର୍କିଂ କରାଯାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଭଳି ବାରମ୍ବାର ଅଭିଯୋଗ ପରେ ବିଇଏମସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉଭୟ ସ୍ଥାନକୁ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଉଭୟ ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାସ୍ତା ଉପରେ ପାର୍କିଂ କରୁଥିବା ଘରୋଇ ବସ ମାଲିକଙ୍କୁ ତୁରନ୍ତ ବସ ହଟାଇବାକୁ ନୋଟିସ ଜାରି କରିବାକୁ ନିଆଯାଇଛି ନିଷ୍ପତ୍ତି। ଏଥିରେ ଖିଲାପ କଲେ ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସର ସହାୟତା ନିଆଯାଇ ଆବଶ୍ୟକ ପଦକ୍ଷେପ ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ବିଇଏମସି କମିସନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ।

